## ଖଣ୍ଡପଡ଼ାରେ ସୁଧୁରୁଛି କରୋନା ସ୍ଥିତି

ଖଣ୍ଡପଡ଼ା, (ସ୍ୱ.ପ୍ର.): କରୋନା ସଂକ୍ରମଣକୁ ନେଇ ଏକଦା ଖଣ୍ଡପଡ଼ା ବ୍ଲକରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ସମୟାନୁକ୍ରମେ ସ୍ଥିତି ସୁଧୁରିବାରେ ଲାଗିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ପଜିଟିଭ୍ ଚିହ୍ନଟ ହୋଇଥିବା ୭୭୯ ଜଣଙ୍କ ମଧ୍ୟରୁ ୭୪୧ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଅବଶିଷ୍ଟ ୩୮ ଆକ୍ରାନ୍ତଙ୍କ ମଧ୍ୟରୁ ୩୨ ଜଣ ହୋମ୍ ଆଇସୋଲେସନରେ ଥିବାବେଳେ ୬ଜଣ କୋଭିଡ୍ କେୟାର ସେଣ୍ଟରରେ ରହି ଚିକିତ୍ସିତ ହେଉଛନ୍ତି।

## ସଂକ୍ଷେପରେ

### ମା' ସିଦ୍ଧିଦାତ୍ରୀଙ୍କ ତାରିଣୀ ବେଶ

ନାଉଗାଁ,୮।୧୦(ସ୍ୱ.ପ୍ର.): ଜଗତ୍‌ସିଂହପୁର ବ୍ଲକ ସରାମ୍ଭୋସ୍ଥିତ ମା'ସିଦ୍ଧିଦାତ୍ରୀ ସର୍ବମଙ୍ଗଳା ପୀଠରେ ଶାରଦୀୟ ପାର୍ବଣ ପୂଜା ଅନୁଷ୍ଠିତ ହେଉଛି। ଗୁରୁବାର ୨୯ ତମ ଦିବସ ପାର୍ବଣ ଅବସରରେ ମା'ସିଦ୍ଧିଦାତ୍ରୀଙ୍କୁ ତାରିଣୀ ବେଶରେ ସୁସଜ୍ଜିତ କରାଯାଇଛି।

### କରୋନାରେ ୨ ମୃତ, ୫୮ ନୂଆ ଆକ୍ରାନ୍ତ

ନୟାଗଡ଼ ଅଫିସ,୮।୧୦: ନୟାଗଡ ଜିଲାରେ ଗୁରୁବାର ୭୦ ବର୍ଷର ପୁରୁଷ ଓ ୫୫ ବର୍ଷର ଜଣେ ମହିଳାଙ୍କ କରୋନାରେ ମୃତ୍ୟୁ ହୋଇଥିବା ଘୋଷଣା କରାଯାଇଛି। ଫଳରେ ମୋଟ ମୃତ୍ୟୁ ସଂଖ୍ୟା ୩୫ରେ ପହଞ୍ଚିଛି। ଅନ୍ୟପକ୍ଷେ ୫୮ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି କ୍ରମେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୨୫୧ରେ ପହଞ୍ଚିଛି।

### କେନ୍ଦ୍ରାପଡ଼ାରେ ଆକ୍ରାନ୍ତଙ୍କ ସଂଖ୍ୟା ୬ ହଜାର ଛୁଇଁଲା

କେନ୍ଦ୍ରାପଡ଼ା ଅଫିସ, ୮।୧୦: କେନ୍ଦ୍ରାପଡ଼ା ଜିଲାରେ ୮୨ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ନେଇ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୬ ହଜାର ହୋଇଛି। ଜିଲା ଜରୁରିକାଳୀନ ଅଧିକାରୀ ସମ୍ବିତ କୁମାର ଶତପଥୀଙ୍କ ସୂଚନା ଅନୁଯାୟୀ ଜିଲାର ୩ ଲକ୍ଷ ୪୩ ହଜାରରୁ ଊର୍ଦ୍ଧ୍ୱ ଅଧିବାସୀଙ୍କ କୋଭିଡ୍ ଟେଷ୍ଟ ହୋଇଛି। ଇତିମଧ୍ୟରେ ୪,୯୨୪ ଜଣ ସୁସ୍ଥ ହୋଇଛନ୍ତି।

### କେନ୍ଦ୍ରୀୟ ବିଦ୍ୟାଳୟ ଗୃହ ଉଦ୍‌ଘାଟିତ

ନୟାଗଡ଼ ଅଫିସ,୮।୧୦: ନୟାଗଡ଼ ସହରର ହାଉସିଂ ବୋର୍ଡ ନିକଟରେ କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ଗୃହ ଗୁରୁବାର ଉଦ୍‌ଘାଟିତ ହୋଇଛି। ଭିଡିଓ କନ୍‌ଫେରେନ୍ସ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରୀୟାଲ ନିଶଙ୍କ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ଧୋତ୍ରେ, ବିଶିଷ୍ଟ ଅତିଥି ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ ସାହୁ, ପୁରୀ ଏମ୍‌ପି ପିନାକୀ ମିଶ୍ର, କେନ୍ଦ୍ର ସରକାରଙ୍କ ବିଦ୍ୟାଳୟ, ଶିକ୍ଷା ଓ ସାକ୍ଷରତା ବିଭାଗ ସଚିବ ଅନିତା କରାଲ, କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ସଚିବ ନିଧି ପାଣ୍ଡେ ପ୍ରମୁଖ ଯୋଗଦେଇଥିଲେ। ନୟାଗଡ ଜିଲାପାଳ ପୋମା ଟୁଡୁ ପୌରୋହିତ୍ୟ କରିଥିବାବେଳେ ନୟାଗଡ କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଏସ୍ ଶ୍ରୀନିବାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୭୭ କରୋନା ପଜିଟିଭ ଚିହ୍ନଟ

ଜଗତ୍‌ସିଂହପୁର ଅଫିସ୍,୮।୧୦: ଜଗତ୍‌ସିଂହପୁର ଜିଲାରୁ ପୁଣି ୭୭ ନୂଆ କରୋନା ପିଜଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ସଂକ୍ରମିତ ସଂଖ୍ୟା ୫୮୬୪ରେ ପହଞ୍ଚିଛି। ନୂଆ ସଂକ୍ରମିତଙ୍କ ମଧ୍ୟରୁ ବାଲିକୁଦା ବ୍ଲକ୍ ଅଞ୍ଚଳରୁ ୬, ବିରିଡ଼ି ୫, ଏରସମା ୫, କୁଜଙ୍ଗ ୯, ନାଉଗାଁ ୨, ତିର୍ତ୍ତୋଲ ୧୩, ରଘୁନାଥପୁର ୮, ଜଗତ୍‌ସିଂହପୁର ୧୯, ଜଗତ୍‌ସିଂହପୁର ପୌର ପରିଷଦ ୫ ଓ ପାରାଦୀପ ପୌର ପରିଷଦ ଅଞ୍ଚଳରୁ ୫ଜଣ ରହିଛନ୍ତି।

### ନାବାଳିକା ଅପହରଣ ଘଟଣା, ଜେଲ ଗଲେ ଯୁବକ

ଖଣ୍ଡପଡ଼ା,୮।୧୦(ସ୍ୱ.ପ୍ର.): ଖଣ୍ଡପଡ଼ା ଥାନା ବେଣାଗାଡିଆ ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ପୋଲିସ ତେନ୍ତୁଳିଆପଲ୍ଲୀ ଗ୍ରାମର ସୁଶାନ୍ତ ବେହେରାଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେପ୍ଟେମ୍ବର ୧୨ରେ ନାବାଳିକାଙ୍କୁ ସୁଶାନ୍ତ ଅପହରଣ କରିଥିବା ନେଇ ପରିବାରବର୍ଗ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୨୨୮/୨୦) ରୁଜୁ କରି ଅନୁସନ୍ଧାନ ଜାରି ରଖିଥିଲା। ବିଶେଷ ସୂତ୍ରରୁ ଖବର ପାଇ ଖୋର୍ଦ୍ଧା ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଚଢାଉ କରି ପୋଲିସ ସୁଶାନ୍ତଙ୍କୁ ଗିରଫ ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ନାବାଳିକାଙ୍କୁ ଡାକ୍ତରୀ ମାଇନା ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଏସ୍‌ଆଇ ପ୍ରଫୁଲ୍ଲ ଦେଓ କହିଛନ୍ତି।

# ପୁନର୍ବାର କାର୍ଯ୍ୟ ଆରମ୍ଭକୁ ବିରୋଧ

**ବରୁଣାଡ଼ିହା ପାନୀୟ ଜଳ ପ୍ରକଳ୍ପ ମାମଲା**

- ଏନ୍‌ଜିଟି ଓ ହାଇକୋର୍ଟରେ ପକ୍ଷ ରଖୁନାହାନ୍ତି ସରକାର
- ଖରସ୍ରୋତାରୁ ପାଣି କମିଲେ ଭିତରକନିକାକୁ ବିପଦ

କେନ୍ଦ୍ରାପଡ଼ା ଅଫିସ, ୮।୧୦

କେନ୍ଦ୍ରାପଡ଼ା ଜିଲାର ଆଳି ଓ ରାଜକନିକା ବ୍ଲକ ସୀମା ବରୁଣାଡିଆଠାରେ ଖରସ୍ରୋତା ନଦୀରେ ବର୍ଷେ ଧରି ପଡିରହିଥିବା ପାନୀୟ ଜଳ ପ୍ରକଳ୍ପ ଆରମ୍ଭ ହେବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଠିକା ସଂସ୍ଥା ପୋଲିସ ସାହାଯ୍ୟରେ ମଙ୍ଗଳବାରଠାରୁ କାମ ଆରମ୍ଭ କରିବା ସମୟରେ ଉଭୟ ବ୍ଲକବାସୀ ପ୍ରବଳ ବିରୋଧ କରିଥିଲେ। ପୋକ୍‌ଲିନକୁ ଏଠାରୁ ନେଇଯିବା ପାଇଁ ଚେତାବନୀ ଦେଇଥିବା ବେଳେ ପ୍ରକଳ୍ପ ବିରୋଧରେ ଏନ୍‌ଜିଟି ଓ ଉଚ୍ଚ ନ୍ୟାୟାଳୟରେ ହୋଇଥିବା ମାମଲାରେ ରାଜ୍ୟ ସରକାର କାହିଁକି ପକ୍ଷ ରଖୁନାହାନ୍ତି ବୋଲି ଖରସ୍ରୋତା ନଦୀ ସୁରକ୍ଷା ସମିତିର କର୍ମକର୍ତ୍ତା ପ୍ରଶ୍ନ କରିଛନ୍ତି। ଏଥିସହ ଖରସ୍ରୋତା ନଦୀରେ ପାନୀୟ ଜଳ ପ୍ରକଳ୍ପ ହେଲେ ସ୍ଥାନୀୟ କୃଷି ଓ ଜାତୀୟ ଉଦ୍ୟାନ ଭିତରକନିକା ପ୍ରଭାବିତ ହେବ ବୋଲି ସେମାନେ ଦର୍ଶାଇଛନ୍ତି। ମାମଲାର ଶେଷ ଶୁଣାଣି ନ ହେବା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ ବୋଲି ଆନ୍ଦୋଳନକାରୀ ଅଡି ବସିଛନ୍ତି।

ରାଜ୍ୟ ସରକାର ୨୦୧୯ ଜାନୁୟାରୀରେ ଏହି ପାନୀୟ ଜଳ ପ୍ରକଳ୍ପ ପାଇଁ ମୋଟ ୯୮୨ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ହାଇଦ୍ରାବାଦର ଏକ ଠିକା ସଂସ୍ଥା ସହିତ ଚୁକ୍ତି କରି ପ୍ରକଳ୍ପ ଶେଷ ପାଇଁ କାର୍ଯ୍ୟାଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ମାଧ୍ୟମରେ ଭଦ୍ରକ ଜିଲାର ଚାନ୍ଦବାଲି, ବାସୁଦେବପୁର, ତିହିଡି ଓ ଧାମନଗର ବ୍ଲକର ୯୧ ପଞ୍ଚାୟତର ୫୨୫ ଗ୍ରାମକୁ ପାନୀୟ ଜଳ ଯୋଗାଣ ହୋଇପାରିବ ବୋଲି ରାଜ୍ୟ ସରକାର ଆକଳନ କରିଛନ୍ତି। ଅପରପକ୍ଷେ ଖରସ୍ରୋତାର ମଧୁର ଜଳ ଏହି ପ୍ରକଳ୍ପ ପାଇଁ ବ୍ୟବହାର ହେଲେ ସ୍ଥାନୀୟ କୃଷି ଓ ଭିତରକନିକାର ଜୈବ ବିବିଧତା ନଷ୍ଟ ହେବା ଦର୍ଶାଇ ନଦୀ ସୁରକ୍ଷା ସମିତି ଉଚ୍ଚ ନ୍ୟାୟାଳୟ ଏବଂ



ପାନୀୟଜଳ ପ୍ରକଳ୍ପ ପାଇଁ ଗଚ୍ଛିତ ଥିବା ପାଇପ୍।

ଏନ୍‌ଜିଟି (ନ୍ୟାଶନାଲ ଗ୍ରୀନ୍‌ଟ୍ରିବ୍ୟୁନାଲ)ରେ ଗତ ଫେବୃୟାରୀ ୨୫ରେ ଏକ ମାମଲା (୨୩/୨୦) ରୁଜୁ କରିଛି। ଏ ସମ୍ପର୍କରେ ଅଭିଯୋଗକାରୀ ସଞ୍ଜୟ କୁମାର ବେହୁରା କହିଛନ୍ତି, ମାମଲାର ପ୍ରାଥମିକ ଶୁଣାଣି ପରେ ଖରସ୍ରୋତା ବ୍ୟତୀତ ଭଦ୍ରକ ଜିଲାରେ ପ୍ରବାହିତ ବୈତରଣୀ, ସାଳନ୍ଦୀ, କାଂଶବାଂଶ ଓ ମନ୍ତେଇ ନଦୀର ଜଳକୁ ପାନୀୟ ଜଳ ଭାବେ ବ୍ୟବହାରରେ ଥିବା ସମସ୍ୟା ସମ୍ପର୍କରେ ଏନ୍‌ଜିଟିକୁ ରାଜ୍ୟ ସରକାର ଗତ ୫ ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ କରିବା କଥା। ଫଳରେ ପରବର୍ତ୍ତୀ ଶୁଣାଣିରେ ମାମଲାର ସବିଶେଷ ଶୁଣାଣି ହୋଇପାରିବ। ତେବେ ରାଜ୍ୟ ସରକାର ମାମଲାର ପକ୍ଷ ରଖୁ ନ ଥିବା ବେଳେ ପ୍ରକଳ୍ପ ଆରମ୍ଭ କରିବାକୁ ଚାହୁଁଛନ୍ତି। ଏପରି କି ଗତ ୧ ତାରିଖରେ ଆରଡବ୍ଲ୍ୟୁଏସ୍‌ଏସ୍‌ର ଚିଫ୍ ଇଞ୍ଜିନିୟର ଏ. କେ. ବିଶ୍ୱାଳ କେନ୍ଦ୍ରାପଡ଼ା ଜିଲାପାଳ ଓ ଏସ୍‌ପିଙ୍କୁ ଭେଟିବା ପରେ ଠିକା ସଂସ୍ଥାର ପୁନର୍ବାର କାର୍ଯ୍ୟ ଆରମ୍ଭ ହୋଇଛି। ଆଳି ଓ ରାଜକନିକାବାସୀ ଏହାକୁ ବାରମ୍ବାର ବିରୋଧ କରିବେ ବୋଲି ଆବେଦନକାରୀ ବେହୁରା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସାମାଜିକ କର୍ମୀ ଶୁଭାଶିଷ ଷଡ଼ଙ୍ଗୀ, ଦୁଷ୍ମନ୍ତ ଆଚାର୍ଯ୍ୟ, ପ୍ରତାପ କୁମାର ପାଢ଼ୀ ପ୍ରମୁଖ କହିଛନ୍ତି, ଖରସ୍ରୋତାର ମଧୁର ଜଳ ସ୍ଥାନୀୟ କୃଷି ପାଇଁ ବ୍ୟବହାର ହେଉଛି। ଜିଲାର କୃଷି ପାଇଁ ଏହି ନଦୀରେ ୨ଟି ମେଗା ୱାଟର ପ୍ରୋଜେକ୍ଟ ଯୋଜନା ଥିବାବେଳେ ଏହି ପାନୀୟ ଜଳ ପ୍ରକଳ୍ପ ଅନ୍ତରାୟ ସୃଷ୍ଟି କରିବ। ଏଥିସହିତ ଜାତୀୟ ଉଦ୍ୟାନ ଭିତରକନିକାକୁ ମଧୁର ଜଳ ନ ମିଳିଲେ ସମୁଦ୍ରର ଲୁଣା ପାଣି ଯୋଗୁ ଜୈବ ବିବିଧତା ନଷ୍ଟ ହେବ। ଏ ସମ୍ପର୍କରେ ଚଣ୍ଡିଖୋଲସ୍ଥ ଆରଡବ୍ଲ୍ୟୁଏସ୍‌ଏସ୍‌ର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଚଣ୍ଡେଶ୍ୱର ବେହେରା କହିଛନ୍ତି, ପ୍ରକଳ୍ପ ପାଇଁ ଥିବା ସମ୍ଭାବ୍ୟ ନଦୀ ସମ୍ପର୍କରେ ବିଭାଗ ପକ୍ଷରୁ ବୈଷୟିକ ଆଲୋଚନା ହୋଇଛି। ଖରସ୍ରୋତା ଏହି ପ୍ରକଳ୍ପ ପାଇଁ ଉପଯୁକ୍ତ ଥିବା ଏନ୍‌ଜିଟିକୁ ରିପୋର୍ଟ ପ୍ରଦାନ କରାଯାଇଛି।

### ୨ଲକ୍ଷର ସୁନାଗହଣା ଚୋରି ଅଭିଯୋଗ

କେନ୍ଦ୍ରାପଡ଼ା ଅଫିସ, ୮।୧୦: କେନ୍ଦ୍ରାପଡ଼ା ଟାଉନ ଥାନା କାକଟ ଗ୍ରାମରେ ପ୍ରାୟ ୨ ଲକ୍ଷ ଟଙ୍କାର ସୁନାଗହଣା ଚୋରି ହୋଇଥିବା ଗୁରୁବାର ଜିଲା ବିଜେଡି ମହିଳା ସଭାନେତ୍ରୀ ସ୍ନେହପ୍ରଭା ତ୍ରିପାଠୀ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବୁଧବାର ରାତିରେ ତାଙ୍କ ବାସଭବନ ଝରକା ରେଲିଂ ତାଡି ଦୁର୍ବୃତ୍ତ ଏକ ସୁନାହାର, ଶଙ୍ଖା, ଚୁଡି, ପେଣ୍ଡି ଆଦି ପ୍ରାୟ ୪୦ ଗ୍ରାମ ଓଜନର ସୁନାଗହଣା ଚୋରି କରିଛନ୍ତି। ଅଭିଯୋଗ ପରେ ତଦନ୍ତ ଜାରି ରହିଥିବା ଥାନାଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟ ସୂଚନା ଦେଇଛନ୍ତି।

### ମହିଳାଙ୍କ ଆତ୍ମହତ୍ୟା

ନୟାଗଡ଼ ଅଫିସ,୮।୧୦: ନୟାଗଡ଼ ଜିଲା ନୂଆଗାଁ ଥାନା ମହୀପୁରର ବାସନ୍ତୀ ବିଶ୍ୱାଳ(୫୦) ବିଷପିଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ୧୦/୨୦ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପାରିବାରିକ ବିବାଦକୁ ନେଇ ରବି ବିଶ୍ୱାଳଙ୍କ ସ୍ତ୍ରୀ ବାସନ୍ତୀ ବୁଧବାର ବିଷ ପିଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

# ନ୍ୟାୟ ଦାବିରେ ବୃଦ୍ଧ ଦମ୍ପତିଙ୍କ ଧାରଣା

**ଅସହ୍ୟ ହେଲା ବୋହୂ, ପୁଅଙ୍କ ନିର୍ଯାତନା**

ବିଞ୍ଝାରପୁର, ୮।୧୦ (ଡି.ଏନ୍.ଏ)

ବୋହୂ, ପୁଅଙ୍କ ନିର୍ଯାତନା ସୀମା ପାରିଛି। ଦୀର୍ଘଦିନ ଅସହ୍ୟ ଯନ୍ତ୍ରଣା ସହିବା ପରେ ନ୍ୟାୟ ଭିକ୍ଷା କରିଛନ୍ତି ବୃଦ୍ଧ ଦମ୍ପତି। ବିଞ୍ଝାରପୁର ବ୍ଲକ ଫତେପୁର ପଞ୍ଚାୟତର ନଛିପୁର ଗ୍ରାମରୁ ଏଭଳି ଏକ ଘଟଣା ନଜରକୁ ଆସିଛି। ବୋହୂ, ପୁଅଙ୍କ ନିର୍ଯାତନା ସହି ନ ପାରି ଗୁରୁବାର ସେହି ଗ୍ରାମର ବିଷ୍ଣୁଚରଣ ବେହେରା ଓ ତାଙ୍କ ସ୍ତ୍ରୀ ବାସନ୍ତିଲତା ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଦିନତମାମ ସେମାନେ ଧାରଣାରେ ବସିଥିବା ବେଳେ ପ୍ରଶାସନିକ ଅଧିକାରୀ କିମ୍ବା କୌଣସି ସଂଗଠନ କର୍ମକର୍ତ୍ତା ସନ୍ଧ୍ୟା ସୁଦ୍ଧା ସେମାନଙ୍କ ପାଖରେ ପହଞ୍ଚି ନ ଥିବା ଜଣାପଡ଼ିଛି। ବୃଦ୍ଧ ଦମ୍ପତିଙ୍କ କହିବା ମୁତାବକ, ଦୀର୍ଘବର୍ଷ ହେବ ବୋହୂ, ପୁଅ



ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ବିଷ୍ଣୁଚରଣ ବେହେରା ଓ ବାସନ୍ତିଲତା।

ସେମାନଙ୍କୁ ନିର୍ଯାତନା ଦେଇ ଆସୁଛନ୍ତି। ଏ ନେଇ ଗ୍ରାମର ମୁରବିଙ୍କୁ ଗୁହାରି କରିଥିଲେ ବି କିଛି ଲାଭ ହୋଇ ନ ଥିଲା। ଫଳରେ ବିଷ୍ଣୁଚରଣ ଏ ନେଇ ବିଞ୍ଝାରପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ହେଲେ ଥାନା କର୍ମଚାରୀ ଆଜି କାଲି କହି ଦିନ ଗଡ଼ାଇ ଚାଲିଥିବାରୁ ସେମାନେ ଉପାୟ ଶୂନ୍ୟ ହୋଇ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିବା କହିଛନ୍ତି। ଏ ସମ୍ପର୍କରେ ଆଇଆଇସି ନିରଞ୍ଜନ ଶବରଙ୍କୁ ପଚାରିବାରୁ ପୂର୍ବରୁ ଅଭିଯୋଗ ପାଇ ପୁଅ ପଦ୍ମନାଭ ବେହେରା ଓ ବୋହୂ ଶଙ୍ଖଲତା ବେହେରାଙ୍କୁ ଥାନାକୁ ଡକାଯାଇଥିଲା। ଘଟଣାର ଅପୋଷ ସମାଧାନ କରାଯାଇ ମା'ବାପାଙ୍କୁ ସାଙ୍ଗରେ ନେବାକୁ ବୋହୂ, ପୁଅଙ୍କୁ କୁହାଯାଇଥିଲା। ହେଲେ ଗୁରୁବାର ସେମାନେ ପୁଣି ଧାରଣାରେ ବସିବା ସମ୍ପର୍କରେ ତାଙ୍କ ପାଖରେ ଖବର ନାହିଁ। ତୁରନ୍ତ ବୃଦ୍ଧ ଦମ୍ପତିଙ୍କୁ ଉଦ୍ଧାର କରାଯିବ ବୋଲି କହିଛନ୍ତି।

# କ୍ଷତିପୂରଣ ନ ଦେଲେ ଅନଶନ ଚେତାବନୀ

**ଫସଲ କ୍ଷତି ଯୋଗୁ ଚାଷୀ ଆତ୍ମହତ୍ୟା ଘଟଣା**

ବିଞ୍ଝାରପୁର, ୮।୧୦ (ଡି.ଏନ୍.ଏ.)

ବିଞ୍ଝାରପୁର ବ୍ଲକ ବରପଦା ଗ୍ରାମର ଚାଷୀ ସ୍ୱର୍ଗତ ରମାକାନ୍ତ ମଲିକଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରା ନଗଲେ ଆସନ୍ତା ୧୩ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନଶନ କରିବ ନବ ନିର୍ମାଣ କୃଷକ ସଂଗଠନ। ଏହି ପରିପ୍ରେକ୍ଷୀରେ ଗୁରୁବାର ପୂର୍ବାହ୍ନରେ ବିଞ୍ଝାରପୁରସ୍ଥିତ ସେବାଶ୍ରମଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଚେତାବନୀ ଦେଇଛନ୍ତି। ରାଜ୍ୟ ସହ ସଂଯୋଜକ ନିମାଇ ରାୟଙ୍କ ସଭାପତିତ୍ୱରେ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଲଗାଣ ବର୍ଷା ଓ ବନ୍ୟା ଯୋଗୁ ଫସଲ



ଖବରଦାତା ସମ୍ମିଳନୀରେ ନବନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତା ଓ ଅନ୍ୟମାନେ।

କ୍ଷତି ହେବା ଯୋଗୁ ଚାଷୀ ରମାକାନ୍ତ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣାକୁ ପ୍ରାୟ ୧ ମାସ ବିତିଥିଲେ ବି ତାଙ୍କ ପରିବାରକୁ ଏ ଯାଏଁ କ୍ଷତିପୂରଣ ପ୍ରଦାନ କରାଯାଇନି। ତୁରନ୍ତ ସ୍ୱର୍ଗତ ରମାକାନ୍ତଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରା ନ ଗଲେ ଆସନ୍ତା ୧୩ ତାରିଖରେ ମୃତକଙ୍କ ପରିବାର ସହ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଅନଶନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଂଯୋଜକ ସନାତନ ସାହୁ, ପୁରୁଷୋତ୍ତମ ବେହେରା, ରବୀନ୍ଦ୍ର ଧଳ, ରବୀନ୍ଦ୍ର ଜେନା, ଦୀନବନ୍ଧୁ ଦାସ, ସତ୍ୟସୁନ୍ଦର ନାୟକ, ମୃତ ଚାଷୀ ରମାକାନ୍ତଙ୍କ ପତ୍ନୀ ଓ ପୁଅ ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ଦାବିରେ ବିକ୍ଷୋଭ



ସିପିଆଇଏମ ପକ୍ଷରୁ ବିରିଡି କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବାଲିଆ/ବିରିଡ଼ି,୮।୧୦(ଡି.ଏନ.ଏ.)

ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ଦାବିରେ ଗୁରୁବାର ବିରିଡି ବ୍ଲକ୍ ସିପିଆଇଏମ ପକ୍ଷରୁ ବିରିଡି କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ କନିଷ୍ଠଯନ୍ତ୍ରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ୭ଦଫା ଦାବିପତ୍ର ଦିଆଯାଇଛି। ଦାବିଗୁଡିକ ମଧ୍ୟରେ ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର, କରୋନା ମହାମାରୀ ପାଇଁ ୬ ମାସର ବିଦ୍ୟୁତ୍ ଶୁଳ୍କ ଛାଡ, ମନମୁଖୀ ବିଦ୍ୟୁତ୍ ବିଲ ଆଦାୟ ବନ୍ଦ, ଠିକ୍ ସମୟରେ ବିଦ୍ୟୁତ୍ ଗ୍ରାହକଙ୍କୁ ବିଲ୍ ପ୍ରଦାନ କରିବା, ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଇ ଦେବା ଓ ବକେୟା ବିଲ୍ ସଂଶୋଧନ କରି ଆଦାୟ କରିବା ଆଦି ଅନ୍ତର୍ଭୁକ୍ତ। ବିକ୍ଷୋଭରେ ସିପିଆଇଏମ ଜିଲା ସମ୍ପାଦକ ଶୋଭାକାନ୍ତ ସ୍ୱାଇଁ, ଜିଲା କମିଟି ସଭ୍ୟ ଗଣେଶ ଚନ୍ଦ୍ର ମାଣିଆ, ବେଣୁଧର ବାରିକ୍, ଯୁଧିଷ୍ଠିର ଦାସ, ନଟବର ପଲାଇ ଓ ରାମଚନ୍ଦ୍ର ଭୋଇ ସାମିଲ ଥିଲେ।

### ଅମରେଶଙ୍କୁ ସୃଜନଶୀଳ ଆୱାର୍ଡ

ପାରାଦୀପ,୮।୧୦(ସ୍ୱ.ପ୍ର.): ପାରାଦୀପ ବନ୍ଦର ଯନ୍ତ୍ରୀ ତଥା ପରିବେଶବିତ୍ ଅମରେଶ ନରେଶ ସାମନ୍ତଙ୍କୁ ଓଡ଼ିଶାର ଟପ୍ ଟ୍ୱେଣ୍ଟି ସୃଜନଶୀଳ ଆୱାର୍ଡ ପାଇଁ ମନୋନୀତ କରାଯାଇଛି। ସେ ଏହି ଆୱାର୍ଡ ପାଇବାରେ ପାରାଦୀପର ପ୍ରଥମ ବୋଲି ଜଣାପଡିଛି। ଅମରେଶ ଦୁଇ ଦଶନ୍ଧି ହେଲା ପରିବେଶ ସୁରକ୍ଷା, ସାମାଜିକ ଜନକଲ୍ୟାଣ ମୂଳକ କାର୍ଯ୍ୟ, ୩୦ରୁ ଅଧିକ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରିବା ଆଦି କାର୍ଯ୍ୟ ଚଳାଇଛନ୍ତି। ପାରାଦୀପ ଉପକଣ୍ଠ ବିଶ୍ୱାଳୀ ଗ୍ରାମରେ ଗାଁ ଯୁବଗୋଷ୍ଠୀଙ୍କୁ ନେଇ ଗଠନ କରିଛନ୍ତି ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ। ଏସବୁ ମହନୀୟ କାମ ପାଇଁ ତାଙ୍କୁ ପ୍ରକୃତିବନ୍ଧୁ-ପ୍ରକୃତିମିତ୍ର ସମେତ ୫୦ରୁ ଆୱାର୍ଡ ମିଳିଛି। ଏଥିପାଇଁ ତାଙ୍କୁ ବନ୍ଦର କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଅନ୍ୟ ବ୍ୟକ୍ତି ଓ ଅନୁଷ୍ଠାନ ଶୁଭେଚ୍ଛା ଜଣାଇଛନ୍ତି।

### ଆହତଙ୍କ ମୃତ୍ୟୁକୁ ନେଇ ରାସ୍ତାରୋକୋ

ନୟାଗଡ଼ ଅଫିସ,୮।୧୦

ସଡକ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ନୟାଗଡ ବ୍ଲକ ପଣ୍ଡୁସରର କପୁରୀ ବେହେରାଙ୍କ ଗୁରୁବାର ମୃତ୍ୟୁ ପରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଲୋକେ ପଣ୍ଡୁସରଠାରେ ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ପ୍ରାୟ ୧୫ ମିନିଟ୍ ପରେ ସେମାନେ ଉଠିଯାଇଥିଲେ। କିଛିଦିନ ତଳେ କାର୍ ଦୁର୍ଘଟଣାରେ କପୁରୀ ଆହତ ହୋଇଥିଲେ। ଇଟାମାଟି ଥାନା ପୋଲିସ କାର୍ ଜବତ କରି ତଦନ୍ତ କରୁଥିଲା।

### ବୋଟ୍‌ରୁ ଖସି ମତ୍ସ୍ୟଜୀବୀ ନିଖୋଜ

ମହାକାଳପଡ଼ା,୮।୧୦(ଡି.ଏନ୍.ଏ.)

ମହାକାଳପଡ଼ା ବ୍ଲକ ଜମ୍ବୁ ମେରାଇନ ଥାନା ଅଧୀନ ଖରିନାସୀ ଜେଟିସ୍ଥିତ ଗଳିଆ ନଦୀରେ ଗୁରୁବାର ଜଣେ ମତ୍ସ୍ୟଜୀବୀ ପାଣିରେ ବୁଡ଼ି ନିଖୋଜ ହୋଇଯାଇଛନ୍ତି। ତାଙ୍କ ସମ୍ପର୍କରେ ଅଧିକ ସୂଚନା ମିଳି ନ ଥିବାବେଳେ ସେ ବଡଲକଣୀ ପଞ୍ଚାୟତ ଛପାଲୀ ଅଞ୍ଚଳର ବୋଲି ଜଣେ ମତ୍ସ୍ୟଜୀବୀ କହିଛନ୍ତି। ନିଖୋଜ ମତ୍ସ୍ୟଜୀବୀ ଜଣକ ଜେଟିସ୍ଥିତ ଏକ ବୋଟରୁ ଅନ୍ୟ ଏକ ବୋଟକୁ ଯାଉଥିବାବେଳେ ଅସାବଧାନତାବଶତଃ ନଦୀରେ ଖସିପଡ଼ିଥିଲେ। ସ୍ଥାନୀୟ ମତ୍ସ୍ୟଜୀବୀଙ୍କଠାରୁ ସୂଚନାପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ। ମାତ୍ର ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଏ ସମ୍ପର୍କରେ ପୋଲିସରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

# ବିଡିଓ, ଅଭିଯୋଗକାରୀଙ୍କୁ ହାଜର ନିର୍ଦ୍ଦେଶ

**ଟେଣ୍ଡର ଫିକ୍ସିଂ ତଦନ୍ତ ପାଇଁ ମାମଲା**

ନୟାଗଡ଼ ଅଫିସ,୮।୧୦

ନୟାଗଡ଼ ବ୍ଲକରେ ୮୬ ଲକ୍ଷ ଟଙ୍କାର ଦୁଇଟି ନିର୍ମାଣ କାର୍ଯ୍ୟରେ ଟେଣ୍ଡର ଫିକ୍ସିଂ କରାଯାଇଥିବା ଲୋକପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ପାଇଁ ମାମଲା ହେବା ପରେ ନୟାଗଡ଼ ବିଡିଓ ମନୋଜ ପାତ୍ର ଓ ଅଭିଯୋଗକାରୀ ଆଇନଜୀବୀ ରଣଜିତ୍ ଦାଶଙ୍କୁ ନଭେମ୍ବର ୩ରେ ବ୍ୟକ୍ତିଗତ ହାଜର ପାଇଁ ଲୋକପାଳ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଅନୁସାରେ, ନୟାଗଡ ସମର୍ପଣ ଜରାନିବାସ ନିର୍ମାଣ କାର୍ଯ୍ୟ ଟେଣ୍ଡର ନୋଟିସ୍ ୪/୨୦୧୯-୨୦ ଅଟକଳ ମୂଲ୍ୟ ୪,୪୪,୩୩୭ ଟଙ୍କା ଏବଂ ଟେଣ୍ଡର ନୋଟିସ ୫/୨୦୧୯-୨୦ ବଲାଙ୍ଗୀ ବନ୍ଧ ପାର୍କର ପ୍ରାଚୀର ନିର୍ମାଣ ପାଇଁ ୪୧,୪୬,୨୬୮ ଟଙ୍କା ଟେଣ୍ଡର ଆହ୍ୱାନ ହୋଇଥିଲା। ଜରାନିବାସ ପାଇଁ ୯ ଓ ବଲାଙ୍ଗୀବନ୍ଧ ପାଇଁ ୧୩ ଠିକାଦାର ଟେଣ୍ଡର ପେପର କିଣିଥିଲେ। ମାତ୍ର ଟେଣ୍ଡର ବାକ୍ସରେ ୬ ଠିକାଦାର ଉଭୟ ପ୍ରକଳ୍ପ ପାଇଁ ଟେଣ୍ଡର ପକାଇଥିଲେ। ଜଣେ ଠିକାଦାର ଅଟକଳ ମୂଲ୍ୟ ଉଲ୍ଲେଖ କରିଥିବାବେଳେ ଅନ୍ୟ ଦୁଇଜଣ ଅଟକଳ ମୂଲ୍ୟଠାରୁ ଅଧିକ ଉଲ୍ଲେଖ କରିଥିଲେ। ଅଟକଳ ମୂଲ୍ୟ ଲେଖିଥିବା ଜଣେ ଲେଖାଏଁ ଠିକାଦାର କାମ ପାଇଲେ। ପ୍ରତିଯୋଗିତା ମୂଳକ ଟେଣ୍ଡର ପକାଯାଇଥିଲେ ଅଟକଳ ମୂଲ୍ୟଠାରୁ ସର୍ବନିମ୍ନ ୧୫%ରୁ କମରେ ଫାଇନାଲ ହୋଇଥାନ୍ତା। ଫଳରେ ସରକାରଙ୍କ ପ୍ରାୟ ୧୩ ଲକ୍ଷ ଟଙ୍କା ରହିଥାନ୍ତା। ଠିକାଦାର ଓ ବିଡିଓଙ୍କ ମଧ୍ୟରେ ଟେଣ୍ଡର ଫିକ୍ସିଂ ଯୋଗୁ କ୍ଷତି ହେଲା। ଏହା ବିଡିଓଙ୍କଠାରୁ ଭରଣା ପାଇଁ ଅବେଦନକାରୀ ଅଗଷ୍ଟ ୪ରେ ଅଭିଯୋଗ କରିଥିଲେ।

# ଅଧାରେ ଅଟକିଛି ମଣିଭଦ୍ରା ପତୁରିଆ ନଦୀବନ୍ଧ

ନୟାଗଡ଼ ଅଫିସ,୮।୧୦

- ଜମି ଅଧିଗ୍ରହଣ ନ ହେବାରୁ ୨୦୧୩ରୁ ବନ୍ଦ ରହିଛି ପ୍ରକଳ୍ପ
- ୨୦୦୯ରେ ମୁଖ୍ୟମନ୍ତ୍ରୀ ଦେଇଥିଲେ ଶୁଭ

ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ନୟାଗଡ଼ ଜିଲା ଗଣିଆର ମଣିଭଦ୍ରା ପତୁରିଆ ନଦୀବନ୍ଧ ଅଧାରେ ଅଟକିଛି। ବନ୍ୟା ସମସ୍ୟାରୁ ମୁକୁଳିବା ପାଇଁ ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ପରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ସ୍ଥିର ହୋଇଥିଲା। ହେଲେ ୨୦୧୩ରୁ ଏହି କାର୍ଯ୍ୟ ଅଧାପନ୍ତରିଆ ହୋଇରହିଛି। ଦଶପଲ୍ଲା ବିଧାୟକ ଏ ନେଇ ବିଭିନ୍ନ ସମୟରେ ବିଧାନସଭାରେ ପ୍ରଶ୍ନ କରିଛନ୍ତି। ତେବେ ଜମି ଅଧିଗ୍ରହଣ ପାଇଁ ଟଙ୍କା ଅଭାବ ଥିବାରୁ ଏହା ଆଉ ଆଗେଇପାରୁ ନ ଥିବା ଜଣାପଡିଛି।

୨୦୦୯ ଜାନୁୟାରୀ ୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପତୁରିଆ ନଦୀବନ୍ଧ ଯୋଜନାର ଶିଳାନ୍ୟାସ କରିଥିଲେ। ଗଣିଆ ବ୍ଲକ ମଣିଭଦ୍ରା ପର୍ବତ ଶେଷ ସୀମା



ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିବା ଫଳକ।

ଡଙ୍କାରସାହି ଗ୍ରାମଠାରୁ କିଶୋରପ୍ରସାଦ ପଞ୍ଚାୟତର ପତୁରିଆ ଗାଁ ୧୪ କିମି ପର୍ଯ୍ୟନ୍ତ ଏହି ନଦୀବନ୍ଧ ହୋଇଥାନ୍ତା। ଏହା ହୋଇଥିଲେ କିଶୋରପ୍ରସାଦ, ଗଣିଆ, ବେଲପଡା, ରାସଙ୍ଗ, ଛାମୁଣ୍ଡିଆ, ବଡସିଲିଙ୍ଗା ପଞ୍ଚାୟତରେ ବନ୍ୟା ସମସ୍ୟାକୁ ଏଡ଼ାଇ ଦିଆଯାଇ ପାରିଥାନ୍ତା। କାରଣ ମହାନଦୀ ଓ ବୃତ୍ତଙ୍ଗ ନଦୀରେ ବନ୍ୟା ଆସିଲେ କିଶୋରପ୍ରସାଦ, ଗଣିଆ, ବେଲପଡା ପଞ୍ଚାୟତ ଆଂଶିକ ପ୍ରଭାବିତ ହେଉଥିବାବେଳେ ରାସଙ୍ଗ, ଛାମୁଣ୍ଡିଆ, ବଡସିଲିଙ୍ଗା ପଞ୍ଚାୟତ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୁଏ। ଏଭଳିସ୍ଥଳେ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିବା ପରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାୟ ୮ କିମି ଶେଷ ହୋଇଛି। ଅବଶିଷ୍ଟ ପାଇଁ ଜମି ଅଧିଗ୍ରହଣ ହୋଇପାରିଲା ନାହିଁ। ଏ ନେଇ ନୟାଗଡ଼ ଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀ ରାଜେନ୍ଦ୍ର ମିଶ୍ର ଓ ଦଶପଲ୍ଲା ଉପନିର୍ବାହୀଯନ୍ତ୍ରୀ ରବୀନ୍ଦ୍ର ନାଥ ସେଠୀ କୁହନ୍ତି, ମଣିଭଦ୍ରା ପତୁରିଆ ନଦୀବନ୍ଧ କାମ ୨୦୧୩ରେ ଶେଷ ହେବାର ଥିଲା। ପ୍ରକଳ୍ପ ପାଇଁ ସ୍ଥାନୀୟ ଲୋକେ ଜମି ଛାଡିବାକୁ ସହମତି ପ୍ରଦାନ କରିଥିଲେ। ପରେ କିଛି ଲୋକ ସହଯୋଗ କଲେ ନାହିଁ। ଫଳରେ ଜମି ଅଧିଗ୍ରହଣ ହୋଇପାରିଲା ନାହିଁ। ନାବାର୍ଡ ପକ୍ଷରୁ ମଞ୍ଜୁର ପ୍ରକଳ୍ପର ଅବଧି ଶେଷ ହୋଇଗଲା। ଅଥଚ କାମ ହୋଇପାରିଲା ନାହିଁ। ଏଭଳିସ୍ଥଳେ ବିଭିନ୍ନ ସମୟରେ ପ୍ରକଳ୍ପ କାର୍ଯ୍ୟ କରିବାକୁ କୁହାଯାଉଛି। ହେଲେ ଜମି ଅଧିଗ୍ରହଣ ପାଇଁ ଅର୍ଥର ଅଭାବ ରହିଛି। ଜମି ଅଧିଗ୍ରହଣ ହେଲେ ପ୍ରକଳ୍ପ କାର୍ଯ୍ୟ ସୁବିଧାରେ ହୋଇପାରିବ। ତେବେ ଏ ନେଇ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି ବୋଲି ସେମାନେ କହିଛନ୍ତି।

